ପ୍ରେସ୍ ନୋଟ୍

## ଆଜି ଅନୁଗୋଳ ଜିଲ୍ଲାରୁ ୮୬୬ ଜଣ କରୋନା ପଜିଟିଭ ଚିହ୍ନଟ

**ପଜିଟିଭ ସଂଖ୍ୟା ୨୪୨୧୩ରେ ପହଞ୍ଚିଲା – ସୁସ୍ଥ ହେଲେ ୫୬୫ ଜଣ ।**

ଅନୁଗୋଳ, ତା.୧୬.୦୫:- ଆଜି ଅନୁଗୋଳ ଜିଲ୍ଲାରେ ୮୬୬ ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଥିବାର ଜଣାପଡିଛି । ଜିଲ୍ଲା ମଧ୍ୟରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତମାନଙ୍କ ମଧ୍ୟରେ ବଣ୍ଡଁରପାଳ ବ୍ଲକ୍ ଅଂଚଳରୁ ୧୮୯ଜଣ ( ୧୩୮ଜଣ ପୁରୁଷ ଓ ୫୧ଜଣ ମହିଳା), ତାଳଚେର ବ୍ଲକ୍ ଅଂଚଳରୁ ୧୭୭ଜଣ ( ୧୦୪ଜଣ ପୁରୁଷ ଓ ୭୩ଜଣ ମହିଳା), ଛେଣ୍ଡିପଦା ବ୍ଲକ୍ ଅଂଚଳରୁ ୧୩୫ଜଣ (୯୮ ଜଣ ପୁରୁଷ ଓ ୩୭ଜଣ ମହିଳା), କଣିହାଁ ବ୍ଲକ୍ ଅଂଚଳରୁ ୭୭ଜଣ ( ୫୯ଜଣ ପୁରୁଷ ଓ ୧୮ ଜଣ ମହିଳା), ଅନୁଗୋଳ ପୌରାଞ୍ଚଳରୁ ୭୩ଜଣ ( ୫୧ଜଣ ପୁରୁଷ ଓ ୨୨ଜଣ ମହିଳା), ଅନୁଗୋଳ ବ୍ଲକ୍ ଅଂଚଳରୁ ୭୦ଜଣ ( ୪୬ଜଣ ପୁରୁଷ ଓ ୨୪ଜଣ ମହିଳା), କିଶୋରନଗର ବ୍ଲକ୍ ଅଂଚଳରୁ ୪୭ଜଣ ( ୩୯ଜଣ ପୁରୁଷ ଓ ୮ଜଣ ମହିଳା), ତାଳଚେର ପୌରାଞ୍ଚଳରୁ ୩୭ଜଣ ( ୨୨ଜଣ ପୁରୁଷ ଓ ୧୫ ଜଣ ମହିଳା), ଆଠମଲ୍ଲିକ ବ୍ଲକ୍ ଅଂଚଳରୁ ୩୧ଜଣ ( ୧୪ଜଣ ପୁରୁଷ ଓ ୧୭ଜଣ ମହିଳା), ପାଲଲହଡା ବ୍ଲକ୍ ଅଂଚଳରୁ ୨୭ଜଣ ( ୧୭ଜଣ ପୁରୁଷ ଓ ୧୦ଜଣ ମହିଳା) ଓ ଆଠମଲ୍ଲିକ ବିଜ୍ଞାପିତ ଅଂଚଳ ପରିଷଦରୁ ୩ଜଣ ( ୧ଜଣ ପୁରୁଷ ଓ ୨ ଜଣ ମହିଳା) ଅଛନ୍ତି । ସେହିପରି ଅନ୍ୟ ଜିଲ୍ଲାରୁ ଅନୁଗୋଳରେ ସ୍ରାବ ନମୁନା ଦେଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ୨୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇ ସମୁଦାୟ ଆକ୍ରାନ୍ତଙ୍କ ସଂଖ୍ୟା ୬୮୩ ରେ ପହଂଚିଛି । ଚିହ୍ନଟ ହୋଇଥିବା ଲକ୍ଷଣଯୁକ୍ତ ଆକ୍ରାନ୍ତମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କରୋନା ୱାର୍ଡ ଓ ୯୭ ଜଣଙ୍କୁ ତାଳଚେର କୋଭିଡ ହସପିଟାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଉଥିବା ବେଳେ ସ୍ୱଳ୍ପ ଲକ୍ଷଣଯୁକ୍ତ ଓ ଲକ୍ଷଣ ବିହିନ ଆକ୍ରାନ୍ତମାନଙ୍କୁ ନିଜ ଘରେ Isolation ରେ ରଖାଯାଇ ନିରିକ୍ଷଣ କରାଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି । ଆଜି ଅନୁଗୋଳ ଜିଲ୍ଲାରୁ ୫୬୫ଜଣ ସୁସ୍ଥ ହୋଇଛନ୍ତି । ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୬୨ ଜଣ ମୃତ୍ୟୁବରଣ କଲେଣି ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।**

ଜ୍ଞାପକ ସଂଖ୍ୟା. ୩୦୮ ତା.୧୬.୦୫.୨୦୨୧ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ